**ଜୟଗୁରୁ**
**ନୀଳାଚଳ ସାରସ୍ୱତ ସଂଘ, ପୁରୀ**
**ଶାଖା- ଆମେରିକା ସାରସ୍ୱତ ସଂଘ**
**1009 ତମ ସଂଘ ପୂଜା ବିବରଣୀ**
**ତାରିଖ – 28 June 2026**
**ପାଳିଆ – Gyan, Sasmita Maa, Amitav Bhai**

ଜୟଗୁରୁ

ତା**27 June 2026** ଶନିବାର ସନ୍ଧ୍ୟା ୭ ଘଟିକା ସମୟରେ ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା । ସ୍ତୋତ୍ର ବନ୍ଦନା, ପୁସ୍ତକ ପଠନ ପରେ ଆସନ୍ତା କାଲି ର ନିତ୍ୟ ପୂଜା ଓ ସଂଘ ପୂଜା ପାଇଁ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ଶ୍ରୀ ପାଦ ପଦ୍ମରେ ନିମନ୍ତ୍ରଣ ଜଣାଇଥିଲେ ଅମିତାଭ ଭାଇ | ତ୍ରୁଟି ବିଚ୍ୟୁତି, ବିଦାୟ ପ୍ରାର୍ଥନା ଓ ଜୟଗୁରୁ ମହାନାମ କୀର୍ତ୍ତନ ପରେ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କୁ ରାତ୍ର ଭୋଗ ନିବେଦନ କରାଯାଇଥିଲା |

**28 June 2026** ରବିବାର : ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ନିତ୍ୟ ସେବା 6 ଘଟିକା 30 ମିନଟ ସମୟ ରେ ଆରମ୍ଭ ହୋଇଥିଲା |

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁସାରେ ଭକ୍ତ ମା ଓ ଭାଇମାନେ ନିଗମ ସ୍ମୃତି ମନ୍ଦିର ଅବା ଗୃହାସନରୁ ଫୋନ ମାଧମରେ ଯୋଗ ଦେଇଥିଲେ | 7 ଘଟିକା 15 ମିନଟ ସମୟରେ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ପ୍ରତୀକ୍ଷ୍ୟା ଗାନ କରାଯାଇଥିଲା | ଜ୍ଞାନ ଭାଇ 'ଭାଙ୍ଗିଲା ନିଦ, ଡାକିଲ ତୁମେ' ଓ ବୃନ୍ଦାବନ ଭାଇ 'ମୋର ମନର ଠାକୁର ଆଜି ଆସିବେ' ପ୍ରତୀକ୍ଷ୍ୟା ସଙ୍ଗୀତ ଗାନ କରିଥିଲେ | ନିତ୍ୟ ନୀତିକାନ୍ତି ସମାପନାନ୍ତେ ଶ୍ରୀ ଶ୍ରୀ ଠାକୁର ମହାରାଜ ସଙ୍ଘପୂଜା ମଣ୍ଡପ କୁ ବିଜେ କରିଥିଲେ | ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କୁ ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ନିବେଦନ କରି ପଞ୍ଚ ଉପଚାର ପୂଜା ସମ୍ପାଦାନ କରିଥିଲେ ବିଜୟ ଭାଇ | ପରଦା ଉନ୍ମୋଚନ ପରେ ଭକ୍ତଗଣ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ଦର୍ଶନ ଲାଭ କରି ଶ୍ରୀଚରଣରେ ପ୍ରଣତି ଜଣାଇଥିଲେ | ତତ୍ ପରେ 'ଜୟ ଜୟ ଗୁରୁଦେବ ମଙ୍ଗଳ ଆରତୀ' ସଙ୍ଗୀତ ର ତାଳେ ତାଳେ ଘଣ୍ଟା, ଗିନି, ଖୋଳ, କରତାଳ ର ମଧୁର ଧ୍ୱନି ମଧରେ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ଆରତୀ ସମ୍ପାଦିତ ହୋଇଥିଲା |

ବନ୍ଦନା ଓ ସ୍ତୋତ୍ର ବନ୍ଦନା, ସ୍ମିତା ରାୟ ମା ଙ୍କ ସହିତ ସମବେତ କଣ୍ଠରେ ଗାନ କରିଥିଲେ ଭକ୍ତ ବୃନ୍ଦ | ପ୍ରାର୍ଥନା ସଭା ପରିଚାଳନା କରିବା ପାଇଁ ନୀଳାଚଳ ସାରସ୍ୱତ ସଂଘର ପରିଚାଳକ ମହୋଦୟ ଶରତ ଭାଇଙ୍କୁ ସାଦରେ ନିମନ୍ତ୍ରଣ ଜଣାଇଥିଲେ amass ସଭାପତି ବ୍ରଜ ଭାଇ | ଶ୍ରୀ ଶ୍ରୀ ଗୁରୁଗୀତା 74ତମ ଶ୍ଳୋକ ପାଠ କରିଥିଲେ ଶରତ ଭାଇ | ତତପରେ ଶରତ ଭାଇଙ୍କ ନେତୃତ୍ୱରେ ପରିଚୟ ପତ୍ର ପାଠ କରଯାଇଥିଲା, ତଥା ଆସନ୍ତା ସମ୍ମିଳନୀ ନିମନ୍ତେ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ଶ୍ରୀ ଚରଣରେ ପ୍ରାର୍ଥନା କରଯାଇଥିଲା | ଭକ୍ତ ନିବାସ ନିର୍ମାଣ ନିମନ୍ତେ ପ୍ରାର୍ଥନା ପାଠ କରିଥିଲେ ବ୍ରଜ ଭାଇ | ସଂଘ ସେବକ ୨୯ ବର୍ଷ, ଦ୍ୱିତୀୟ ସଂଖ୍ୟା 'ପ୍ରାର୍ଥନାକାରୀଙ୍କ ପ୍ରତି' ପ୍ରବନ୍ଧ ପଠନ ଓ ବାଖ୍ୟା କରିଥିଲେ ଶରତ ଭାଇ | ପରିଚାଳକଙ୍କ ନିର୍ଦ୍ଦେଶରେ ବୃନ୍ଦାବନ ଭାଇ ଗାନ କରିଥିଲେ, 'ପ୍ରେମ ବିନେ ସେ ଧନ ମିଳେ ନାହିଁରେ ମନ'।

ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କୁ ବାଲ୍ୟ ଭୋଗ ପାଇଁ ଓ ଦିବା ୯ ଘଟିକା ୪୫ ମିନିଟ୍ ସମୟକୁ ଦ୍ୱିତୀୟ ଅଧିବେଶନ ସଙ୍ଘ ପୂଜା ପାଇଁ ପ୍ରାର୍ଥନା ଜଣାଇଥିଲେ ପାଳିଆ ଅମିତାଭ ଭାଇ | ଭକ୍ତ ମା, ଭାଇ ଓ ପିଲା ମାନଙ୍କୁ ବାଲ୍ୟ ପ୍ରସାଦ ଓ ୯:୩୦ ସମୟରେ ଦ୍ୱିତୀୟ ଅଧିବେଶନ ପ୍ରତୀକ୍ଷ୍ୟା ରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଥିଲେ | ଜୟଗୁରୁ ନାମ କୀର୍ତ୍ତନ ପରେ ପ୍ରଥମ ଅଧିବେଶନ ଶେଷ ହୋଇଥିଲା | ଶ୍ରୀ ଶ୍ରୀ ଠାକୁରଙ୍କୁ ବାଲ୍ୟ ଭୋଗ ନିବେଦନ କରାଯାଇଥିଲା ଓ ଭକ୍ତବୃନ୍ଦ ଶ୍ରୀ ମହାପ୍ରସାଦ ସେବନ କରିଥିଲେ |

୯ ଘଟିକା ୩୦ ମିନଟ ରେ ରଶ୍ମୀ ଚୌଧୁରୀ ମା ଗାନ କରିଥିଲେ ଆବାହନ ଗୀତିକା 'କମଳ ଚରଣେ କୁସୁମ ଅଞ୍ଜଳୀ' ଓ ଉଦିତା ମା ଗାନ କରିଥିଲେ 'ଅନ୍ତର ଦେବତା ଆସ ହେ' | ଦିବା ୯ ଘଟିକା ୪୫ ମିସମୟ ରେ ଶ୍ରୀ ଶ୍ରୀ ଠାକୁର ମହାରାଜ ସଂଘ ପୂଜା ଆସନ ମଣ୍ଡପ ରେ ବିଜେ କରିଥିଲେ, 'ଭବ ବନ୍ଧନ ମୋଚନ' ପ୍ରଣାମ ଗାନ ସହିତ ପରଦା ଉନ୍ମୋଚନ କରାଯାଇଥିଲା | ନିର୍ଲିପ୍ତା ମା ଗାନ କଲେ ବନ୍ଦନା 'ଜଗତ ସୃଷ୍ଟି କାରଣ' | ପରିଚାଳକ ମହୋଦୟ ଶରତ ଭାଇ ସଭା ପରିଚାଳନା ନିମନ୍ତେ ସଭାପତି ବ୍ରଜ ଭାଇଙ୍କ ସମେତ ଆସନ ଗ୍ରହଣ କଲେ, ସୁପ୍ରୀତ ଭାଇ ପୁଷ୍ପ ଚନ୍ଦନ ଅର୍ପଣ କଲେ |

ନିଗମ ଉପଦେଶ ପୁସ୍ତକ ରୁ ଶ୍ରୀ ଶ୍ରୀ ଠାକୁରଙ୍କ 'ସମର୍ପଣକାରୀ ଙ୍କ ପ୍ରତି' ସମ୍ବନ୍ଧୀୟ ଉପଦେଶ ସମୂହ ପାଠ କଲେ ଶରତ ଭାଇ | ପୂର୍ବ ସଂଘ ବିବରଣୀ ପାଠ କରିଥିଲେ ବରଦା ଭାଇ | ଶିବାନୀ ମହାନ୍ତି ମା ଗାନ କରିଥିଲେ ଭଜନ 'ମତେ ସେବକ ସାଜ ଦିଅ ଠାକୁର' | ଶରତ ଭାଇ ପୁସ୍ତକ ପଠନ ଓ କାମ ପ୍ରେମ ସମ୍ବନ୍ଧରେ ଆଲୋଚନା ଜାରି ରଖିଥିଲେ, ପ୍ରଶ୍ନୋତ୍ତର କାର୍ଯକ୍ରମ ସମ୍ପାଦନା କରିଥିଲେ |

YA Session ରେ Aishee ଗାନ କରିଥିଲେ ପ୍ରାର୍ଥନା ସଙ୍ଗୀତ 'ମନର ଠାକୁର ଆହେ ମନ କଥା ଘେନା କର' | ସ୍ୱାତି ମା ଅଧକ୍ଷ୍ୟତା କରି YA ଉପସ୍ଥାନ ନେଇଥିଲେ | Aishee ଗାଇଥିବା ପ୍ରାର୍ଥନା ସଙ୍ଗୀତର ଭାବାର୍ଥ କରିଥିଲେ | ତତ୍ପରେ ସ୍ୱାତି ମା ଭଗବତ ଗୀତା ଏକାଦଶ ଅଧାୟ ସମ୍ପର୍କିତ ଆଲୋଚନା ଓ ପ୍ରଶ୍ନୋତ୍ତର ସମାପନା କରିଥିଲେ |

ଜ୍ଞାନ, ଅମିତାଭ ଭାଇ ଓ ସସ୍ମିତା ମା ଭାବ ବିନିମୟ ସେବା ସମ୍ପାଦନ କରିଥିଲେ |

ମାଧାନ ଭୋଗ ଓ ସନ୍ଧ୍ୟା ପୂଜା ଗ୍ରହଣ କରିବା ପାଇଁ ଅମିତାଭ ଭାଇ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀ ପାଦ ପଦ୍ମରେ ପ୍ରାର୍ଥନା ଜଣାଇଥିଲେ | ପ୍ରସାଦ ପାଇବା ପାଇଁ ସମସ୍ତ ଭକ୍ତ ବୃନ୍ଦଙ୍କୁ ସାଦରେ ନିମନ୍ତ୍ରଣ ଜଣାଇଥିଲେ |

ଶ୍ରୀ ଚୈତନ୍ୟ ଦେବ ସେବା ଶିକ୍ଷାର୍ଥୀ ମଣ୍ଡଳ ପୂଜା ପାଇଁ ସୁପ୍ରୀତ ଭାଇ, ଆମେରିକା ସାରସ୍ୱତ ସଂଘ ର ୨୪ତମ ଭକ୍ତ ସମ୍ମିଳନୀ ନିମନ୍ତେ ସଭାପତି ବ୍ରଜ ଭାଇ, ଅରୁନ୍ଧତୀ ସେବା ଶିକ୍ଷାର୍ଥୀ ମଣ୍ଡଳ ପୂଜା ପାଇଁ ଉଷା ମା, ଏବଂ ପରବର୍ତ୍ତୀ ସଂଘ ପୂଜା ନିମନ୍ତେ ମିଲୁ ମା ନିମନ୍ତ୍ରଣ ସେବା ସମ୍ପାଦନ କରିଥିଲେ |

ସମସ୍ତ ସଂଘ ସେବି ଙ୍କ ତରଫରୁ ପାଳିଆ ସସ୍ମିତା ମା ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ତ୍ରୁଟି ମାର୍ଜନା ନିମନ୍ତେ କ୍ଷମା ଭିକ୍ଷା କରିଥିଲେ, ତଥା ସଂଘ ସେବୀ ମାନଙ୍କ ନିକଟରେ ପାଳିଆ ମାନଙ୍କ ତରଫରୁ କ୍ଷମା ଭିକ୍ଷା କରିଥିଲେ | ଜ୍ଞାନ ଭାଇଙ୍କ ନେତୃତ୍ୱ ରେ ଗାନ କରାଯାଇଥିଲା ବିଦାୟ ପ୍ରାର୍ଥନା | ଜୟଗୁରୁ ମହାନାମ କୀର୍ତ୍ତନ

ଓ ଜୟ ଧ୍ୱନି ଅନ୍ତେ ସଂଘ ସାଙ୍ଗ ହୋଇଥିଲା | ବିଶ୍ୱଜିତ ଭାଇ ଉପସ୍ଥାନ ନେଇଥିଲେ | ଶ୍ରୀ ଶ୍ରୀ ଠାକୁରଙ୍କୁ ମାଧ୍ୟାନ ଭୋଗ ନିବେଦନ କରାଯାଇଥିଲା ଓ ସମସ୍ତ ଭକ୍ତବୃନ୍ଦ ଶ୍ରୀ ମହାପ୍ରସାଦ ସେବନ କରିଥିଲେ |

ଜୟଗୁରୁ